ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

International Convention on Millets
BHUBANESWAR, ODISHA | 9TH & 10TH NOV 2023

**News ID-IPR/AgFE (Od)/1237/10-11-2023**

## ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ-୨୦୨୩
## ମିଲେଟ ଆଧାରିତ ଅନ୍ତର୍ଜାତୀୟ ଖାଦ୍ୟ ଉତ୍ସବରେ
## ଖାଦ୍ୟପ୍ରେମୀଙ୍କୁ ଆକର୍ଷିତ କଲା ସୁସ୍ୱାଦୁ ବ୍ୟଞ୍ଜନ

ଭୁବନେଶ୍ୱର, ୧୦/୧୧/୨୦୨୩

ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଅବସରରେ ଆଜି ଆୟୋଜିତ ଖାଦ୍ୟପର୍ବ ଥିଲା ଅତ୍ୟନ୍ତ ଆକର୍ଷଣୀୟ । ଖାଦ୍ୟପ୍ରେମୀ ତଥା ଭୋଜନ ଉତ୍ସାହୀମାନଙ୍କ ସମାଗମରେ ମୁଖରିତ ଖାଦ୍ୟପର୍ବ ଇଲାକାରେ ଶୋଭା ପାଉଥିଲା ପୁଷ୍ଟିଶସ୍ୟ ପ୍ରସ୍ତୁତ ନାନା ପ୍ରକାର ସ୍ୱାଦିଷ୍ଟ ଖାଦ୍ୟର ପସରା । ବିଭିନ୍ନ ସ୍ଥାନରୁ ଆସିଥିବା ସେଫ୍, ଉତ୍ସାହୀ ତଥା ଖାଦ୍ୟପ୍ରେମୀମାନେ ପୁଷ୍ଟିଶସ୍ୟ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଏବଂ ବ୍ୟଞ୍ଜନ ସଂପର୍କରେ ପଚାରି ବୁଝିଥିଲେ ।

ଖାଦ୍ୟପର୍ବରେ ୧୭ରୁ ଅଧିକ ଷ୍ଟଲ ଖୋଲିଥିଲା ଏବଂ ବିଭିନ୍ନ ଷ୍ଟଲରେ ଜୈବିକ ପୁଷ୍ଟିଶସ୍ୟ ପ୍ରସ୍ତୁତ ଚମତ୍କାର ଖାଦ୍ୟ ସାମଗ୍ରୀ ପରିବେଷିତ ହୋଇଥିଲା । ମେ ଫେୟାର ହୋଟେଲ ଆଣ୍ଡ ରିସର୍ଟସ୍, କ୍ରାଉନ୍ ହୋଟେଲ, ସ୍ୱସ୍ତି ପ୍ରିମିୟମ୍, ହୋଟେଲ୍ ସୂର୍ଯ୍ୟାଂଶ, ହୋଟେଲ ବର୍ଜରୀସ୍ ବଞ୍ଜାରା (ବାଲେଶ୍ୱର) ଇତ୍ୟାଦିର ଖାଦ୍ୟ ବିଶେଷଜ୍ଞ ତଥା ସେଫ୍‌ମାନେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଖାଦ୍ୟ ସାମଗ୍ରୀ ସେବନର ଭରପୁର ଅନୁଭୂତି ଅର୍ଜନ କରିଥିଲେ । ଅବଧ, କୋଲକାତା, ଆନ୍ଧ୍ର ଓ କର୍ଣ୍ଣାଟକର ଖାଦ୍ୟ ସହିତ ଭୂମଧ୍ୟସାଗରୀୟ ଅଞ୍ଚଳର ଖାଦ୍ୟ ଏହି ପର୍ବରେ ସ୍ଥାନ ପାଇଥିଲା । ନୂଆ ନୂଆ ପ୍ରକାରର ମିଠା ଓ ପେଷ୍ଟ୍ରିଜ୍ ସାଙ୍ଗକୁ ସମକାଳୀନ ତଥା ପାରମ୍ପରିକ ଓଡ଼ିଶୀ ବ୍ୟଞ୍ଜନ ମଧ୍ୟ ସାମିଲ ହୋଇଥିଲା । ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ଓ ଖାଦ୍ୟ ସାମଗ୍ରୀ ସଂପର୍କରେ ଆଗ୍ରହ ରଖି ଲେଖାଲେଖି ଓ ଫଟୋଗ୍ରାଫି କରୁଥିବା ବିଶେଷଜ୍ଞ (ଫୁଡ୍ ବ୍ଲଗର୍)ମାନେ ଉପସ୍ଥିତ ଥିଲେ । ଫୁଡ୍ ବ୍ଲଗର ଡ. ପ୍ରିୟଙ୍କା ବ୍ରହ୍ମା, ଆରାଧନା ବିଶ୍ୱାଳ, ରୋହିତ ଶ୍ରୀବାସ୍ତବ, ଶୁଭଶ୍ରୀ ରୟ, ମିତାଲି ପତି ଓ ଅଭିଜିତ ପ୍ରଧାନ ପ୍ରମୁଖଙ୍କ ସହଯୋଗରେ ଏପରି ଖାଦ୍ୟପର୍ବ ସଫଳ ହୋଇଥିଲା । ବିଶେଷ କରି ଜୈବିକ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ପୋଷଣୀୟ ଖାଦ୍ୟ ସାମଗ୍ରୀର ଏକ ପ୍ରଭାବଶାଳୀ ମଞ୍ଚ ଭାବରେ ଏହି ଖାଦ୍ୟପର୍ବ ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା ।

ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ